# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**29 October – 2025**

# ପ୍ରଧାନମନ୍ତ୍ରୀ-ସାମୁଦ୍ରିକ ସପ୍ତାହ

ବନ୍ଦର ସଂଯୋଗୀକରଣ, ଜାହାଜ ନିର୍ମାଣ ଏବଂ ଜାହାଜଗୁଡ଼ିକର ସଂଖ୍ୟା ବୃଦ୍ଧି ସମ୍ବନ୍ଧିତ ମୁମ୍ବାଇଠାରେ ଚାଲିଥିବା ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଯୋଗଦେବେ । ଅମୃତକାଳରେ ଏହି କ୍ଷେତ୍ରରେ ଦୂରଦର୍ଶିତାକୁ ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀ ୨ଲକ୍ଷ ୨୦ହଜାର କୋଟି ଟଙ୍କା ମୂଲ୍ୟର ରୂପାନ୍ତରଣକାରୀ ପଦକ୍ଷେପ ଗୁଡ଼ିକର ଶୁଭାରମ୍ଭ କରିବେ ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସାମୁଦ୍ରିକ କ୍ଷେତ୍ରରେ ସହଯୋଗ ଏବଂ ଭାରତର ଏହି କ୍ଷେତ୍ରରେ ସଂସ୍କାରକୁ ଗତିଶୀଳ କରିବା ଲାଗି ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ ।

# ବାତ୍ୟା ମୋନ୍ଥା

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଭୟଙ୍କର ଘୂର୍ଣ୍ଣିଝଡ଼ 'ମୋନ୍ଥା' ମଧ୍ୟରାତ୍ରିରେ ଆନ୍ଧ୍ରପ୍ରଦେଶ ଉପକୂଳ ଦେଇ ନରସାପୁରରେ ସ୍ଥଳଭାଗ ସ୍ପର୍ଶ କରି ୟାନାନ ଉପକୂଳ ଅତିକ୍ରମ କରିଛି । ସନ୍ଧ୍ୟା ସମୟରୁ ଆରମ୍ଭ ହୋଇଥିବା ସ୍ଥଳଭାଗ ସ୍ପର୍ଶ ପ୍ରକ୍ରିୟା ପ୍ରାୟ ୬ ଘଣ୍ଟାରୁ ଅଧିକ ସମୟ ଧରି ସଂଗଠିତ ହୋଇଥିଲା । ସ୍ଥଳଭାଗ ସ୍ପର୍ଶ

ସମୟରେ ଏହାର ଘଣ୍ଟାପ୍ରତି ବେଗ ୧୦୦ କିଲୋମିଟର ଥିବାବେଳେ ଝଟକା ପବନର ବେଗ ୧୧୦ କିଲୋମିଟର ରହିଥିଲା । ଏବେ ଏହା ଦୁର୍ବଳ ହୋଇ ସାମୁଦ୍ରିକ ଝଡ଼ରେ ପରିଣତ ହୋଇଛି । ବାତ୍ୟାର ପ୍ରଭାବ ଓଡ଼ିଶାରେ ବିଶେଷ ପରିଲକ୍ଷିତ ହୋଇନାହିଁ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ରାୟଗଡା, କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ଆଜି ବର୍ଷାର ପ୍ରଭାବ ରହିବ ।

ବାତ୍ୟା ମୋନ୍ଥାର ପ୍ରଭାବକୁ ଦୃଷ୍ଟିରେ ରଖି ପର୍ଯ୍ୟଟକ ଏବଂ ଜୀବଜନ୍ତୁଙ୍କ ସୁରକ୍ଷା ଲାଗି ଆଜି ନନ୍ଦନକାନନ ପ୍ରାଣୀ ଉଦ୍ୟାନ, ରାଜ୍ୟ ଉଦ୍ଭିଦ ଉଦ୍ୟାନ ଓ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ବନ୍ଦ ରହିଛି ।

# ମୁଖ୍ୟମନ୍ତ୍ରୀ-ମୋନ୍ଥା ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବାତ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରିଛନ୍ତି । ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ବାତ୍ୟାର ପ୍ରଭାବ ସମ୍ପର୍କରେ ଯେଉଁଭଳି ଭାବେ ଆଶଙ୍କା କରାଯାଉଥିଲା ସେଭଳି କିଛି ବଡ଼ ପ୍ରଭାବ ପରିଲକ୍ଷିତ ହୋଇନାହିଁ । ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ସମ୍ପୂର୍ଣ୍ଣ ଭାବେ ଆଗାମୀ ପରିସ୍ଥିତି ପାଇଁ ସଜାଗ ଅଛନ୍ତି ଏବଂ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ବାତ୍ୟା ପରିଚାଳନା କରୁଛନ୍ତି । ୮ଟି ଜିଲ୍ଲାରେ ୧୭ହଜାର ୮୧୭ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି ।

**V/O (Mohan Majhi)**

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ' ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ରେଳବାଇ ପକ୍ଷରୁ ଗତ ସୋମବାରଠାରୁ ଆସନ୍ତାକାଲି ପର୍ଯ୍ୟନ୍ତ ୬୧ଟି ଟ୍ରେନ୍‌କୁ ବାତିଲ କରାଯାଇଛି ଏବଂ କେତୋଟି ଟ୍ରେନ୍‌ର ଗତିପଥ ଏବଂ ସମୟରେ ପରିବର୍ତ୍ତନ କରାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ବାକି ଟ୍ରେନ୍ ଗୁଡ଼ିକର ପୁନଃ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ଅନୁରୋଧ କରିଛନ୍ତି ।

# କଳାବଜାରୀ-ଯାଞ୍ଚ କଡାକଡି

କଳାବଜାରୀ ରୋକିବା ଏବଂ ଯୋଗାଣ ଶୃଙ୍ଖଳା ବଜାୟ ରଖିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଯାଞ୍ଚ କଡାକଡି କରାଯାଇଛି । ମୋନ୍ଥାର ପ୍ରଭାବ ଆସନ୍ତାକାଲି ପର୍ଯ୍ୟନ୍ତ ଥିବାରୁ ଏହାକୁ ଦୃଷ୍ଟିରେ ରଖି କୌଣସି ବ୍ୟବସାୟୀ ଯେଭଳି କଳାବଜାରୀ ବା ଅନାବଶ୍ୟକ ଭାବେ ଖାଦ୍ୟସାମଗ୍ରୀ ମହଜୁଦ ନରଖନ୍ତି ସେଥିନିମନ୍ତେ ଚଢ଼ଉ କରାଯାଇଛି । ଏ ସମ୍ପର୍କରେ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଅବଗତ କରାଯାଇଛି । ବାତ୍ୟା ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ଥିବା ସୂଚନା ଦିଆଯାଇଛି ।

# ବିଶ୍ୱ ମସ୍ତିଷ୍କାଘାତ ଦିବସ

ଜନସାଧାରଣଙ୍କୁ ମସ୍ତିଷ୍କ ଆଘାତର ଲକ୍ଷଣ ଏବଂ ଜରୁରୀ ଯତ୍ନର ଆବଶ୍ୟକତା ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ ବିଶ୍ୱ ମସ୍ତିଷ୍କାଘାତ ଦିବସ ଆଜି ପାଳନ କରାଯାଉଛି । ମସ୍ତିଷ୍କ ଆଘାତ ବା ଷ୍ଟ୍ରୋକ୍, ଏହାର ପ୍ରତିରୋଧ ଏବଂ ଏଥିରୁ ରକ୍ଷା ପାଇଥିବା ବ୍ୟକ୍ତିଙ୍କ ପାଇଁ ଉନ୍ନତ ଯତ୍ନ ଏବଂ ସହାୟତାରେ ଆବଶ୍ୟକତାକୁ ଉପଲବ୍ଧି କରିବା ଦିଗରେ ସଚେତନତା ସୃଷ୍ଟି ପାଇଁ ଏହି ଦିବସ ପାଳନ କରାଯାଉଛି । ମସ୍ତିଷ୍କର କିଛି ଅଂଶରେ ପର୍ଯ୍ୟାପ୍ତ ରକ୍ତପ୍ରବାହ ନହେବା କାରଣରୁ ଏବଂ ଅବରୋଧିତ ଧମନୀ କିମ୍ବା ମସ୍ତିଷ୍କରେ ରକ୍ତସ୍ରାବ ହେତୁ ମସ୍ତିଷ୍କାଘାତ ହୋଇଥାଏ । ହଠାତ୍ ଅଚେତ ହୋଇଯିବା, ବାତ ମାରିବା, ଶରୀରର କୌଣସି ଅଙ୍ଗ ଅଚଳ ହୋଇଯିବା କିମ୍ବା ଦୁର୍ବଳ ହେବା ଏବଂ କଥାବାର୍ତ୍ତା କରିବାରେ ସମସ୍ୟା ଆଦି ଷ୍ଟ୍ରୋକ୍‌ର ଲକ୍ଷଣ । ନିୟମିତ ଶାରିରୀକ କାର୍ଯ୍ୟକଳାପ, ଦ୍ରୁତଗତିରେ ଚାଲିବା ଯୋଗୁଁ ସୁସ୍ଥ ଓଜନ ବଜାୟ ରଖିବା ସହ ରକ୍ତଚାପ ନିୟନ୍ତ୍ରଣ ହେବା ସହ ଏହି ରୋଗରୁ ରକ୍ଷା ମିଳିଥାଏ ।

# ମିତବ୍ୟୟତା ଦିବସ

ଦରକାର ଅନୁସାରେ ଖର୍ଚ୍ଚ କରି ସଞ୍ଚୟକୁ ଗୋଟେ ଅଭ୍ୟାସ କରିବା ଲାଗି ଲୋକମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ମିତବ୍ୟୟତା ଦିବସ ପାଳନ କରାଯାଉଛି । ୧୯୪୨ ମସିହା ଆଜିର ଦିନରେ ଇଟାଲୀର ମିଲାନଠାରେ ପ୍ରଥମ ଆନ୍ତର୍ଜାତୀୟ ସଞ୍ଚୟ ବ୍ୟାଙ୍କ ତରଫରୁ ବିଶ୍ୱ ସଞ୍ଚୟ

ଦିବସ ପାଳନ କରାଯାଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରେ ସରକାରୀସ୍ତରରେ, ବ୍ୟାଙ୍କ ଏବଂ ଅର୍ଥଲଗାଣକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ ମିତବ୍ୟୟତା ଦିବସ ପାଳନ କରାଯାଉଛି ।